# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 June– 2026**

## ମୁଖ୍ୟମନ୍ତ୍ରୀ-ଆଦର୍ଶ ବିଦ୍ୟାଳୟ

ରାଜ୍ୟରେ ୨୦୪ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଶିଳାନ୍ୟାସ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତସ୍ଥିତ ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଗତକାଲି ଶ୍ରୀ ମାଝୀ ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗତ ଜାନୁଆରୀରେ ବାଣପୁରଠାରେ ଯୋଜନାର ପ୍ରଥମ ପର୍ଯ୍ୟାୟ ଶିଳାନ୍ୟାସ କରାଯାଇଥିଲା । ପ୍ରାୟ ୧୨ ହଜାର କୋଟି ଟଙ୍କା ବିନିଯୋଗରେ ଏହି ଯୋଜନା ମାଧ୍ୟମରେ ରାଜ୍ୟବ୍ୟାପୀ ୨ ହଜାର ୨୦୦ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏପର୍ଯ୍ୟନ୍ତ ୩୨୨ଟି ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି ।

ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ କାବେରା ଗ୍ରାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲାରେ ଆୟୋଜିତ ସମାରୋହରେ ବିଧାୟକ ସରୋଜ କୁମାର ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ

ଅନ୍ତର୍ଗତ ଶଙ୍କରାସ୍ଥିତ ବ୍ରଜବିହାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଜଗଦ୍ଦଲା ପ୍ରମୁଖ ଯୋଗ ଦେଇଥିଲେ ।

## ଜନଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦୃଷ୍ଟିରୁ ଆଜି ଜନଶୁଣାଣି ବନ୍ଦ ରଖାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଅତିଥି ଅଧ୍ୟାପକ ନିଯୁକ୍ତି

ଚଳିତ ଶିକ୍ଷାବର୍ଷ ପାଇଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତଦୁଇ କଲେଜଗୁଡ଼ିକରେ ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପାଖକୁ ଏ ସଂକ୍ରାନ୍ତ ମାର୍ଗଦର୍ଶିକା ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଇଛି ।  ସମସ୍ତ ପ୍ରକ୍ରିୟା ୧୮ ତାରିଖ ସୁଦ୍ଧା ଶେଷ କରିବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ।

## ନିଟ୍-ୟୁଜି

ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସହର ଆଲଟମେଣ୍ଟ ତାଲିକା ପ୍ରକାଶ ପାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଜାରି ତାଲିକା ଅନୁଯାୟୀ ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ପରୀକ୍ଷା କେନ୍ଦ୍ରଗୁଡ଼ିକ ସ୍ଥାପନ କରାଯାଇଛି। ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ନିୟମାବଳୀ ସଂପର୍କିତ ସୂଚନା ଏନ୍‌ଟିଏର ୱେବ୍‌ସାଇଟ୍ neet.nta.nic.inରେ ଉପଲବ୍ଧ ରହିଛି ।

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଗତକାଲି ନବମଦିନ ଶେଷ ସୁଦ୍ଧା ୨ କୋଟି ୩୧ ଲକ୍ଷ ୭୭ ହଜାର ୮୪ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚାଯାଇ ପାରିଛି । ଏଥିସହ ଏ କ୍ଷେତ୍ରରେ ପ୍ରାୟ ୭୦ ପ୍ରତିଶତ ସଫଳତା ମିଳିଛି । ପରିଗଣନା ଫର୍ମ ଯଥାଶୀଘ୍ର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଧାନ ସଂଗ୍ରହ

ନବରଙ୍ଗପୁର ଜିଲ୍ଲାରେ ୫ଟି ଲ୍ୟାମ୍ପ୍‌ସ ମାଧ୍ୟମରେ ୬୫ ଜଣ ଚାଷୀଙ୍କଠାରୁ ୩ ହଜାର ୬୦୮ କ୍ୱିଣ୍ଟାଲ ଧାନ କିଣାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ୪୧ ହଜାର ୮୫୦ କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ଧାନ ବେଆଇନ ମହଜୁଦ

ନୂଆପଡ଼ା ଏନ୍‌ଏସ୍‌ସି ଅନ୍ତର୍ଗତ ମନ୍ଦିରପଡ଼ାସ୍ଥିତ ଏକ ଗୋଦାମଘରୁ ୪୭ କ୍ୱିଣ୍ଟାଲ ୭୦ କିଲୋଗ୍ରାମ ବେଆଇନ ମହଜୁଦ ରଖାଯାଇଥିବା ଧାନ ଜବତ କରାଯାଇଛି । ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏ ସଂକ୍ରାନ୍ତ ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଧାନ ମହଜୁଦ ନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଥିବା ଯୋଗାଣ ବିଭାଗ କହିଛି ।

## ଓସିଆନ୍ ଦିବସ

ମହାସାଗରର ଗୁରୁତ୍ୱ ଏବଂ ଏହା ସହ ଯୋଡ଼ି ହୋଇଥିବା ବିଷୟ ଖାଦ୍ୟ ସୁରକ୍ଷା, ଜୈବ ବିବିଧତା, ପରିବେଶ ସନ୍ତୁଳନକୁ ନେଇ ଧ୍ୟାନ ଆକର୍ଷଣ କରିବା ଦିଗରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ମହାସାଗର ଦିବସ ରୂପେ ପାଳନ କରାଯାଉଛି। ପୃଥିବୀର ମୋଟ୍ ଆୟତନ ମଧ୍ୟରୁ ୭୦ ପ୍ରତିଶତ ମହାସାଗରରେ ପରିବେଷ୍ଟିତ। ମନୁଷ୍ୟ ଏବଂ ଜୀବଜଗତ ନେଉଥିବା ଅମ୍ଳଜାନର ଅଧାରୁ ଅଧିକ ସମୁଦ୍ର ଉଦ୍ଭିଦରୁ ମିଳିଥାଏ। ଚଳିତ ବର୍ଷ ବିଶ୍ୱ

ମହାସାଗର ଦିବସର  ବାର୍ତ୍ତା ରହିଛି 'ବିଶ୍ୱବ୍ୟାପି ସମୁଦ୍ର ସହ ନୂତନ ସଂପର୍କ-ପୁନଃ ପରିକଳ୍ପନା' ।

## କବାଡ଼ି

ବ୍ରହ୍ମପୁରଠାରେ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଟ୍ରଫି କବାଡ଼ି ଚମ୍ପିୟାନ୍‌ସିପ୍-୨୦୨୬ର ସେମିଫାଇନାଲ୍ ଓ ଫାଇନାଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ସୁନ୍ଦରଗଡ଼, ଅନୁଗୁଳ, କଟକ ଓ ଗଞ୍ଜାମ ଜୋନ୍‌ସ୍ତରୀୟ ବିଜୟୀ ଦଳଗୁଡ଼ିକ ଅଂଶ ଗ୍ରହଣ କରିବେ ।

କଟକ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗତକାଲି ଜୋନ୍ ସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ବାଳକ ବର୍ଗରେ ବାଲେଶ୍ୱର ଓ ବାଳିକା ବର୍ଗରେ ପୁରୀ ବିଜୟୀ ହୋଇଛି ।  ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ନବରଙ୍ଗପୁର ଉଭୟ ବାଳକ ଓ ବାଳିକା ବର୍ଗରେ ବିଜୟୀ ହୋଇଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଏଥିପାଇଁ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ କେତେକ ଅଞ୍ଚଳରେ ବର୍ଷା ବଢ଼ିବା ସହ ଗ୍ରୀଷ୍ମ ପ୍ରକୋପରୁ ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି । ତେବେ

କାଳବୈଶାଖୀ ନେଇ ଆଜି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ସର୍ବୋଚ୍ଚ ତାପମାତ୍ରା ୪୧ ଦଶମିକ ୭ଡିଗ୍ରୀ ସେଲ୍‌ସିୟସ ବୌଦ୍ଧଠାରେ ରେକର୍ଡ କରାଯାଇଛି ।

---